ମୋହନନ୍

ବନାମ

ପ୍ରଭା ଜି. ନାୟାର ଏବଂ ଅନ୍ୟଜଣେ

ଫେବୃଆରୀ 4, 2004

[କେ.ଜି. ବାଲକ୍ରିଷ୍ଣନ ଏବଂ ବି.ଏନ୍. ଶ୍ରୀକ୍ରିଷ୍ଣା , ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ପ୍ରକ୍ରିୟା ସଂହିତା, 1973 :*

*ଧାରା 482—ଅଭିଯୋଗର ନାକଚ—ଡାକ୍ତରଖାନାରେ ରୋଗୀଙ୍କ ମୃତ୍ୟୁ—ଚିକିତ୍ସାରେ ଅବହେଳାର ଆରୋପ କରି ଡାକ୍ତରଙ୍କ ବିରୋଧରେ ଅପରାଧିକ ଅଭିଯୋଗ—ଆଇପିସିର ଧାରା 304-A ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଦଣ୍ଡାଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସଂଜ୍ଞାନ—ଉଚ୍ଚ ନ୍ୟାୟାଳୟ ଅଭିଯୋଗକୁ ନାକଚ କରନ୍ତି—ଦର୍ଶାଯାଇଛି, ଉଚ୍ଚ ନ୍ୟାୟାଳୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଭିଯୋଗକୁ ନାକଚ କରିବା ଯଥାର୍ଥ ନୁହେଁ—ଏହା ଧ୍ୟାନ ଦେବାକୁ ହେବ ଯେ, ଅଭିଯୋଗକାରୀ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ପ୍ରମାଣ ଉପସ୍ଥାପନ କରିବାକୁ ସମ୍ପୂର୍ଣ୍ଣ ସୁଯୋଗ ପାଇ ନଥିଲେ—ଯଦି କୌଣସି ତଥ୍ୟ ଅଛି ଏବଂ ଉପସ୍ଥାପନ କରାଯାଇପାରୁଥିବା ବିଶେଷଜ୍ଞଙ୍କ ସାକ୍ଷ୍ୟକୁ ନିରୀକ୍ଷା କରି ହିଁ ଡାକ୍ତରଙ୍କ ଅବହେଳା ନିର୍ଣ୍ଣୟ କରାଯାଇପାରିବ—ମାମଲାର ତଥ୍ୟକୁ ଦୃଷ୍ଟିରେ ରଖି ଅଭିଯୋଗକାରୀଙ୍କୁ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ମାମଲା ଉପସ୍ଥାପନ କରିବାର ଏକ ସୁଯୋଗ ଦିଆଯିବା ଉଚିତ ଥିଲା—ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଇଛି—ଦଣ୍ଡାଧିକାରୀଙ୍କୁ ଆଇନ ଅନୁଯାୟୀ ମାମଲାର ବିଚାର କରିବାକୁ ହେବ—ଭାରତୀୟ ଦଣ୍ଡ ସଂହିତା, 1860-ଧାରା 304-A ।*

ଅପରାଧିକ ଅପିଲ କ୍ଷେତ୍ରାଧିକାର : ଫୌଜଦାରୀ ଅପିଲ ସଂଖ୍ୟା 515/2003

ସି ଆର୍ ଏଲ୍. ଏମ୍. ସି. ସଂଖ୍ୟା 6341/1999(C)ରେ କେରଳ ଉଚ୍ଚ ନ୍ୟାୟାଳୟର 28.11.2001 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍. ସତୀଶ ଏବଂ ଏମ୍. ଯୋଶେଫ୍ ।

ମୋହନନ୍ ବନାମ ପ୍ରଭା ଜି. ନାୟାର

ଉତ୍ତରଦାତାମାନଙ୍କ ପାଇଁ ରୟ ଆବ୍ରାହମ, ଶ୍ରୀମତୀ ସୀମା ଜୈନ, ହିମିନ୍ଦର ଲାଲ, ରମେଶ ବାବୁ ଏମ. ଆର. ଏବଂ ସୁଶ୍ରୀ ଅନୁପମା ମଦନନ୍ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏଠାରେ ଆବେଦନକାରୀ ଚେରଥାଲାର ପ୍ରଥମ ଶ୍ରେଣୀ ନ୍ୟାୟିକ ଦଣ୍ଡାଧିକାରୀଙ୍କ ନିକଟରେ ଏକ ଅପରାଧିକ ଅଭିଯୋଗ ଦାଖଲ କରିଥିଲେ, ଏହି ଆରୋପ ସହିତ ଯେ, ଚେରଥାଲାର ଘରୋଇ ଡାକ୍ତରଖାନା ସହିତ ଜଡିତ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟରତ ଉତ୍ତରଦାତା, ଏଭଳି ମାନର ଡାକ୍ତରୀ ଅବହେଳା ପ୍ରଦର୍ଶନ କରିଥିଲେ ଏବଂ ଏହାଦ୍ୱାରା ଅପିଲକାରୀଙ୍କ ପତ୍ନୀଙ୍କର 1995 ମସିହା ଡିସେମ୍ବର 8 ତାରିଖରେ ମୃତ୍ୟୁ ହୋଇଥିଲା । ଅପିଲକାରୀଙ୍କ ପତ୍ନୀ ଗର୍ଭବତୀ ଥିଲେ ଏବଂ ସେ ଗର୍ଭଧାରଣର ସପ୍ତମ ମାସରୁ ପ୍ରଥମ ଉତ୍ତରଦାତାଙ୍କ ସହିତ ପରାମର୍ଶ କରିଥିଲେ ଏବଂ 4 ଡିସେମ୍ବର 1995ରେ ଆବେଦନକାରୀଙ୍କ ପତ୍ନୀ ଶିଶୁର ପ୍ରସବ ପାଇଁ ପ୍ରଥମ ଉତ୍ତରଦାତାଙ୍କ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । 5 ଡିସେମ୍ବର, 1995 ରେ ପ୍ରଥମ ଉତ୍ତରଦାତାଙ୍କ ଡାକ୍ତରୀ ହସ୍ତକ୍ଷେପରେ ସେ ଏକ ମୃତ ଶିଶୁକୁ ପ୍ରସବ କରିଥିଲେ ଏବଂ ସେତେବେଳେ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ସେ ପ୍ରଥମ ଉତ୍ତରଦାତାଙ୍କ ନିରନ୍ତର ଚିକିତ୍ସା ଅଧୀନରେ ଥିଲେ । 1995 ମସିହା ଡିସେମ୍ବର 8 ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । ଆବେଦନକାରୀ ଆରୋପ କରିଛନ୍ତି ଯେ, ତାଙ୍କ ପତ୍ନୀଙ୍କୁ ଚିକିତ୍ସା ମହାବିଦ୍ୟାଳୟ ଡାକ୍ତରଖାନାକୁ ନେବାକୁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ପ୍ରଥମ ଉତ୍ତରଦାତା ତାଙ୍କୁ କହିଥିଲେ ଯେ, ରୋଗୀର କୌଣସି ସମସ୍ୟା ନାହିଁ ଏବଂ ଅଳ୍ପ ସମୟ ମଧ୍ୟରେ ସବୁକିଛି ଠିକ ହୋଇଯିବ । ଆବେଦନକାରୀ ଆରକ୍ଷୀ ନିକଟରେ ଅଭିଯୋଗ କରିଥିଲେ ଏବଂ ତଦନ୍ତ ପରେ ଆରକ୍ଷୀ ଏକ ବିବରଣୀ ଦାଖଲ କରିଥିଲେ । ଏହା ପରେ, ଅପିଲକାରୀ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ଏକ ଅପରାଧିକ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗକାରୀଙ୍କ ଦ୍ୱାରା ଦିଆଯାଇଥିବା ବୟାନ ବ୍ୟତୀତ, ସେ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ଏବଂ ଜଣେ ରଞ୍ଜନରଶ୍ମି ଚିକିତ୍ସକଙ୍କୁ ମଧ୍ୟ ଯାଞ୍ଚ କରିଥିଲେ । ଦଣ୍ଡାଧିକାରୀ, ଆଇପିସିର ଧାରା 304-A ଅନୁଯାୟୀ ଦଣ୍ଡନୀୟ ଅପରାଧକୁ ସଂଜ୍ଞାନକୁ ନେଇଥିଲେ । ଏହା ପରେ, ପ୍ରଥମ ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ସି ଆର୍ ପି ସିର ଧାରା 482 ଅନୁଯାୟୀ ଅପରାଧିକ କାର୍ଯ୍ୟାନୁଷ୍ଠାନକୁ ନାକଚ କରିବା କରିବା ପାଇଁ ଏକ ଅପରାଧିକ ବିବିଧ ଆବେଦନ ଦାଖଲ କରିଥିଲେ, ଯେଉଁଥିରେ ଅଭିଯୋଗ କରାଯାଇଥିଲା ଯେ, ନ୍ୟାୟାଳୟରେ ଶପଥ ସହ ବୟାନ ଏବଂ ଅନ୍ୟାନ୍ୟ ତଥ୍ୟ ଏକ ଅପରାଧକୁ ଉପସ୍ଥାପିତ କରିପାରିଲା ନାହିଁ ତେଣୁ

ଅଭିଯୋଗ ଏବଂ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ନାକଚ ହେବା ଯୋଗ୍ୟ ଅଟେ । ବିଜ୍ଞ ଏକକ ବିଚାରପତି ଦର୍ଶାଇଛନ୍ତି ଯେ :

> "କେବଳ ଜଣେ ରୋଗୀଙ୍କ ମୃତ୍ୟୁ ଡାକ୍ତରଖାନାରେ ହେବା ଦ୍ୱାରା ଏହି ଅନୁମାନ କରାଯାଏ ନାହିଁ ଯେ, ମୃତ୍ୟୁ ଡାକ୍ତରଙ୍କ ଅବହେଳା ଯୋଗୁଁ ହୋଇଛି ଏବଂ ଜଣେ ଡାକ୍ତରଙ୍କୁ ତାଙ୍କ ରୋଗୀଙ୍କ ମୃତ୍ୟୁ ପାଇଁ ଅପରାଧିକ ଭାବରେ ଦାୟୀ କରିବା ପାଇଁ, ଏହା ନିଶ୍ଚିତ ଭାବରେ ପ୍ରତିଷ୍ଠିତ ହେବା ଦରକାର ଯେ, ତାଙ୍କ ପକ୍ଷରୁ ଅବହେଳା କିମ୍ବା ଅସମର୍ଥତା ଥିଲା ଯାହା କିଛି ସାମାଜିକ ଦାୟିତ୍ୱ ଆଧାରରେ କ୍ଷତିପୂରଣର ବିଷୟକୁ ଆଗେଇ ଆଣିଥିଲା ଏବଂ ସେ ରୋଗୀର ଜୀବନ ଏବଂ ସୁରକ୍ଷା ପ୍ରତି ଅଣଦେଖା କରି କିଛି କରିଥିଲେ ।"

ଏହା ନିଶ୍ଚିତ ଧ୍ୟାନ ଦେବାକୁ ହେବ ଯେ, ଅପିଲକାରୀ ଏଠାରେ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ପ୍ରମାଣ ଉପସ୍ଥାପନ କରିବାକୁ ସମ୍ପୂର୍ଣ୍ଣ ସୁଯୋଗ ପାଇ ନଥିଲେ । ଯଦି କୌଣସି ତଥ୍ୟ ଅଛି ଏବଂ ଉପସ୍ଥାପନ କରାଯାଇପାରୁଥିବା ବିଶେଷଜ୍ଞଙ୍କ ସାକ୍ଷ୍ୟକୁ ନିରୀକ୍ଷା କରି ହିଁ ଡାକ୍ତରଙ୍କ ଅବହେଳା ନିର୍ଣ୍ଣୟ କରାଯାଇପାରିବ । ଏହି ମାମଲାର ତଥ୍ୟକୁ ଦୃଷ୍ଟିରେ ରଖି, ଆମେ ଅନୁଭବ କରୁଛୁ ଯେ, ଆବେଦନକାରୀ-ଅଭିଯୋଗକାରୀଙ୍କୁ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ମାମଲା ଉପସ୍ଥାପନ କରିବାକୁ ଏକ ସୁଯୋଗ ଦିଆଯିବା ଉଚିତ ଥିଲା । ବିଜ୍ଞ ଏକକ ବିଚାରପତି ପ୍ରାରମ୍ଭିକ ପର୍ଯ୍ୟାୟରେ ଅଭିଯୋଗକୁ ନାକଚ କରିବାରେ ଯଥାର୍ଥ ନଥିଲେ, ବିଶେଷ କରି ଏପରି ଏକ ମାମଲାରେ ଯେଉଁଠାରେ ଅଭିଯୋଗ ଦ୍ୱାରା ଉପସ୍ଥାପିତ ବିଶେଷଜ୍ଞ ପ୍ରମାଣର ଉପଯୁକ୍ତ ବିଶ୍ଳେଷଣ ଉପରେ ଦୋଷୀ ସାବ୍ୟସ୍ତ ହୋଇପାରିବ । ଫଳସ୍ୱରୂପ, ଆମେ ବିଜ୍ଞ ଏକକ ବିଚାରପତିଙ୍କ ରାୟକୁ ବାତିଲ କରୁଛୁ ଏବଂ ଦଣ୍ଡାଧିକାରୀଙ୍କୁ ଆଇନ ଅନୁଯାୟୀ ବିଚାର କରିବାକୁ ନିର୍ଦ୍ଦେଶ ଦେଉଛୁ । ଆମେ ଆହୁରି ମଧ୍ୟ କହିପାରିବା ଯେ, ପ୍ରଥମ ଉତ୍ତରଦାତା ଜଣେ ଚିକିତ୍ସାଜୀବୀ ହୋଇଥିବାରୁ, ଯଦି ଜାମିନ ପାଇଁ କୌଣସି ଆବେଦନ ଦାଖଲ କରାଯାଏ, ତେବେ ତାହା ଦଣ୍ଡାଧିକାରୀଙ୍କ ଦ୍ୱାରା ଅନୁକୂଳ ଭାବରେ ବିଚାର କରାଯିବ ।

ଅପିଲଟିର ପରିସମାପ୍ତି ହୋଇଛି ।

ଆର୍.ପି. ଅପିଲଟିର ପରିସମାପ୍ତି ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**ଅନୁବାଦକ**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ